# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ପଞ୍ଚଦଶ ଅଧିବେଶନ

## ଶୁକ୍ରବାର , ନଭେମ୍ବର ୨୦ , ୨୦୨୦

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

### ପ୍ରଶ୍ନ ସଂଖ୍ୟା - ୮୪

**( ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା,ଶକ୍ତି,କ୍ରୀଡା ଓ ଯୁବକଲ୍ୟାଣ,ଶିଳ୍ପ,ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି,ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ )**

### ଓ.ପି.ଜି.ସି ର 3rd ଓ 4th ୟୁନିଟରୁ ଉତ୍ପାଦିତ ବିଜୁଳି

**୧ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓ.ପି.ଜି.ସି.ର 3rd ଓ 4th ୟୁନିଟ ଯଥା 660 MW ଏବଂ 660 MW ମୋଟ 1320 MW ୟୁନିଟରେ ବିଜୁଳି ଉତ୍ପାଦନ ପାଇଁ ବସାଯାଇଛି ଏହାର 2018 ରୁ ପ୍ରତିଦିନ ମୋଟ କେତେ MW ବିଜୁଳି ଉତ୍ପାଦନ ହେଉଛି ଏହାର ପ୍ରତିଦିନ ଉତ୍ପାଦନ ୱାରି ତାଲିକା ପ୍ରଦାନ କରିବେ କି ; (ଖ) ଆସ୍ ହେଣ୍ଡେଲିଙ୍ଗ Unit Blast ହେବାର କାରଣ କଣ ; ଏବଂ ଏହି ବ୍ଲାଷ୍ଟରେ କେତେ ଲୋକ ମରିଲେ, ଜକ୍ଷ୍ମି ହେଲେ ଓ ଏଥିରେ ଓ.ପି.ଜି.ସି.ର କେତେ କ୍ଷତି ହେଲା ; ଏହି ଓ.ପି.ଜି.ସି.ର ଦୁର୍ନୀତି ଓ କ୍ରିୟାପ୍ରିତି ଓ ଆସ୍ ହେଣ୍ଡେଲିଙ୍ଗ ପ୍ଲାଂଟ ଦୁର୍ଘଟଣା ପାଇଁ ସରକାର ଗୋଟିଏ ଉଚ୍ଚ ସ୍ତରୀୟ କମିଟି ଗଠନ କରିବେ କି?

### ଓ.ପି.ଜି.ସି.ର କର୍ମଚାରୀଙ୍କ ସଂଖ୍ୟା

**୨ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓ.ପି.ଜି.ସି.ରେ ମୋଟ କେତେ କର୍ମଚାରୀ କାମ କରୁଛନ୍ତି ଏବଂ ରାଜ୍ୟ ସରକାର AES ର ରିଟାୟଡ କର୍ମଚାରୀମାନଙ୍କୁ ଅଧିକ ଦରମା ଦେଇ ଥଇଥାନ କରିବା ପାଇଁ ବିଚାର କରୁଛନ୍ତି କି ; ଏହାକୁ ବିଚାର ନକରି NTPC ଏହି ପୁରୁଣା କର୍ମଚାରୀମାନଙ୍କୁ ଟ୍ରେନିଙ୍ଗ ଦେଇ କମ୍ ଦରମାରେ କାର୍ଯ୍ୟ କରିବା ସତ୍ୟ କି ; (ଖ) ଏହି ପୁରୁଣା କର୍ମଚାରୀମାନଙ୍କୁ ଧରି କାର୍ଯ୍ୟ କରିଲେ ଓ.ପି.ଜି.ସି ର ବାର୍ଷିକ କେତେ ଲାଭ ହେବ ?

### ସେଟେଲମେଣ୍ଟ ଷ୍ଟାଟସର ତାଲିକା

**୩ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି

- (କ) କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ କଣ୍ଟାବାଞ୍ଜି (କ) (ଖ) ସମସ୍ତ ଖାତାର ସମସ୍ତ ରକ୍ଷିତ ଖାତାର 1977 ସେଟେଲମେଣ୍ଟ କଣ ଷ୍ଟାଟସ ଥିଲା ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି (କ), (ଖ) ରେ ମୋଟ କେତେ ପ୍ଲଟ ନିୟମ ଅନୁଯାଇ ଯଥା କେସ୍ ହୋଇ ଏବଂ ଉପ-ଜିଲ୍ଲାପାଳଙ୍କ ଆଦେଶ ଅନୁଯାଇ କେତେଜଣଙ୍କ ନାମରେ କେଉଁ କେଉଁ ପ୍ଲଟର ପଟ୍ଟା (ROR) ପ୍ରଦାନ କରାଯାଇଛି ; ଏହାର କେସ୍ ଆଦେଶ ନଂ ସହ ପ୍ଲଟ ଏବଂ କେଉଁ କେଉଁ ଲୋକମାନଙ୍କ ନାମରେ କେତେ ଡିସମିଲ ଜାଗା ଦିଆଯାଇଛି ଗୋଟିଏ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ ;ଏବଂ ବର୍ତ୍ତମାନ ଏହି (କ), (ଖ) ଖାତାରେ ମୋଟ କେତେ ପ୍ଲଟ ରକ୍ଷିତ ଅଛି ଗୋଟିଏ ତାଲିକା ପ୍ରଦାନ କରିବେ କି?

## ରକ୍ଷିତ ଖାତାରେ ଥିବା ପ୍ଲଟ ସଂଖ୍ୟା

**୪ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ କଣ୍ଟାବାଞ୍ଜି ସହର (କ) ର ଖାତା ନଂ.229 ରେ ମୋଟ କେତେ ଗୋଟି ପ୍ଲଟ ରକ୍ଷିତ ଖାତାରେ ଅଛି ; 1977 ମସିହା ସେଟେଲମେଣ୍ଟ ସମୟରେ ଏହାର ଷ୍ଟାଟସ କଣଥିଲା ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି 229 ଖାତାରୁ ମୋଟ କେତେ ପ୍ଲଟ ନିୟମ ଅନୁଯାଇ ଯଥା କେସ୍ ହୋଇ ଏବଂ ଉପ-ଜିଲ୍ଲାପାଳଙ୍କ ଆଦେଶ ଅନୁଯାଇ କେତେଜଣଙ୍କ ନାମରେ କେଉଁ କେଉଁ ପ୍ଲଟର ପଟ୍ଟା (ROR) ପ୍ରଦାନ କରାଯାଇଛି ; ଏହାର କେସ୍ ଆଦେଶ ନଂ ସହ ପ୍ଲଟ ଏବଂ କେଉଁ କେଉଁ ଲୋକମାନଙ୍କ ନାମରେ କେତେ ଡିସମିଲ ଜାଗା ଦିଆଯାଇଛି ଗୋଟିଏ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ ଏବଂ ବର୍ତ୍ତମାନ ଏହି (କ) ର 229 ଖାତାରେ ମୋଟ କେତେ ପ୍ଲଟ ରକ୍ଷିତ ଅଛି ଗୋଟିଏ ତାଲିକା ପ୍ରଦାନ କରିବେ କି?

## ଶିଳ୍ପର ତାଲିକା

**୫ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ 2000-01 ରୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ମୋଟ କେତେ ଶିଳ୍ପ ପ୍ରତିଷ୍ଠା କରିଛନ୍ତି ଏବଂ ଏହା ଦ୍ୱାରା କେତେ ବେକାର ଯୁବକ ଯୁବତୀମାନଙ୍କୁ ଚାକିରୀ ଦେଇଛନ୍ତି ; ଶିଳ୍ପର ନାମ ସହିତ ଚାକିରି ଦେଇଥିବା ପରିମାଣର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି ଶିଳ୍ପ ମାନଙ୍କ ଭିତରେ ମୋଟ କେତେ ଶିଳ୍ପ ବନ୍ଦ ହୋଇଯାଇଛି ଏବଂ ମୋଟ କେତେ ଯୁବକ ଯୁବତୀ ଚାକିରି ହରାଇଛନ୍ତି ଏହାର ତାଲିକା ପ୍ରଦାନ କରିବେ କି ଏବଂ ବଲାଙ୍ଗୀର ଜିଲ୍ଲାରେ ସରକାର କେଉଁ କେଉଁ ନୂଆ ଶିଳ୍ପ ବସାଇବା ପାଇଁ ବିଚାର କରୁଛନ୍ତି ଏବଂ ଏହାଦ୍ୱାରା କେତେ ବେକାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଚାକିରି ମିଳିବ?

## MSME ସଂସ୍ଥାକୁ ପ୍ରୋତ୍ସାହନ

**୬ . ଶ୍ରୀ ମୁକେଶ ମହାଲିଙ୍ଗ :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଷୋଡଶ ବିଧାନ ସଭାର ଅଣତାରକା ପ୍ରଶ୍ନ 437 ତା.03.10.2020 ରିଖର ଉତ୍ତର ଅନୁଯାୟୀ Covid-19 ଦ୍ୱାରା ପ୍ରଭାବିତ ରାଜ୍ୟର MSME ସଂସ୍ଥାମାନଙ୍କୁ ଆର୍ଥିକ ମାନ୍ଦାବସ୍ଥାରୁ ସୁଧାରିବା ପାଇଁ ଓ ପୁନଃ କାର୍ଯ୍ୟକ୍ଷମ ଅବସ୍ଥାକୁ ଆଣିବା ପାଇଁ ପ୍ରତ୍ସୋହନ ଦେବାକୁ ବିଭିନ୍ନ ଶିଳ୍ପ ସଙ୍ଘ ଦେଇଥିବା ଆବେଦନ ପତ୍ର ଗୃହରେ ଉପସ୍ଥାପନ କରିବେ କି ; ଇତି ମଧ୍ୟରେ ଶିଳ୍ପ ସଙ୍ଘମାନଙ୍କର ଦାବୀ ଅନୁଯାୟୀ ବିଚାର ଓ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଫଳରେ ନିଜସ୍ୱ ବଜେଟରୁ ରାଜ୍ୟ ସରକାର MSME ସଂସ୍ଥାମାନଙ୍କୁ କେତେ ଟଙ୍କା ପ୍ରତ୍ସୋହନ ଦେଇ ସାରିଲେଣି ଜିଲ୍ଲାୱାରୀ ତଥ୍ୟ ଦେବେ କି?

## ଶିଳ୍ପାନୁଷ୍ଠାନ ଦ୍ୱାରା ରାଜସ୍ୱ ଆଦାୟ

**୭ . ଶ୍ରୀ ମୁକେଶ ମହାଲିଙ୍ଗ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଥିବା ବେଦାନ୍ତ କମ୍ପାନୀ, ଆଦିତ୍ୟ ବିର୍ଲା ଗ୍ରୁପର ହୀରାକୁଦ ଓ ଲପଙ୍ଗାରେ ଥିବା Hindalco କମ୍ପାନୀ, ଭୂଷଣ Steel କମ୍ପାନୀଙ୍କ ଠାରୁ 2014-15 ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ରାଜ୍ୟ ରାଜକୋଷକୁ ଦେଇଥିବା ବିଭିନ୍ନ ରାଜସ୍ୱର ପରିମାଣ ସହ ରାଜ୍ୟର ରାଜ କୋଷରୁ ଉପରୋକ୍ତ ସଂସ୍ଥା ପାଇଥିବା ପ୍ରତ୍ସୋହନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଦେବେ କି ?

## ଭୂମୀହୀନ ହିତାଧିକାରୀଙ୍କ ନାମ ଓ ଠିକଣା

**୮ . ଶ୍ରୀ ମୁକେଶ ମହାଲିଙ୍ଗ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଷୋଡଶ ବିଧାନସଭାର ଚତୁର୍ଥ ଅଧିବେଶନର ତା.03.10.2020 ର ଅଣତାରକା ପ୍ରଶ୍ନସଂଖ୍ୟା 433 ର ଅସମ୍ପୂର୍ଣ୍ଣ ଉତ୍ତର ଥିବା ପୁଇନ୍ତଳା ତହସିଲର ଜମିପଟ୍ଟା ପାଇଁ Physically ଏ ପର୍ଯ୍ୟନ୍ତ ଜମି ପାଇନଥିବା ଭୂମିହୀନ ହିତାଧିକାରୀଙ୍କ ତାଲିକା ସହ ଲୋଇସିଂହା ତହସିଲର 37 ଜଣ ଆଗଲପୁର ତହସିଲର 183 ଜଣ ଜମି ପାଇବା ନିମନ୍ତେ ଅପେକ୍ଷାରତ ହିତାଧିକାରୀଙ୍କ ନାମ ଓ ଠିକଣା ସହ ଏକ ସବିଶେଷ ତାଲିକା ଦେବେ କି?

## ଶିଳ୍ପ ସଂସ୍ଥାକୁ Incentive ପ୍ରଦାନ

**୯ . ଶ୍ରୀ ମୁକେଶ ମହାଲିଙ୍ଗ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2014-15 ଆର୍ଥିକ ବର୍ଷରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟର ଶିଳ୍ପାୟନ ଦ୍ୱାରା ଗଢିଉଠିଥିବା ଶିଳ୍ପସଂସ୍ଥା ମାନଙ୍କଠାରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ପ୍ରତିବର୍ଷ କେତେ ପରିମାଣର କେଉଁ କେଉଁ ପ୍ରକାରର ରାଜସ୍ୱ ଆଦାୟ କରିଅଛନ୍ତି ଓ

ରାଜ୍ୟ ସରକାର ଏହି ଶିଳ୍ପସଂସ୍ଥାମାନଙ୍କୁ ନିଜସ୍ୱ ବଜେଟରୁ କେତେ ପରିମାଣର କେଉଁ କେଉଁ ପ୍ରକାର Incentive ପ୍ରଦାନ କରିଛନ୍ତି ତାର ଏକ ସବିଶେଷ ବିବରଣୀ ଦେବେ କି?

## MSME ସଂସ୍ଥା ଦ୍ୱାରା ସାମଗ୍ରୀ ବିକ୍ରୟ

**୧୦ . ଶ୍ରୀ ମୁକେଶ ମହାଲିଙ୍ଗ :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) Covid-19 ର ମୁକାବିଲା କରିବା ପାଇଁ ଆବଶ୍ୟକ ହେଉଥିବା କେଉଁ କେଉଁ ସାମଗ୍ରୀ ଓଡିଶାର କେଉଁ କେଉଁ ଜିଲ୍ଲାର କେଉଁ କେଉଁ MSME ସଂସ୍ଥା ପ୍ରସ୍ତୁତ କରୁଛନ୍ତି ; ଜିଲ୍ଲାୱାରୀ ତାର ଏକ ତାଲିକା ଦେବେ କି ; (ଖ) Covid-19 ପାଇଁ ରାଜ୍ୟ ସରକାର କ୍ରୟ କରିଥିବା ସାମଗ୍ରୀ ଓ ଖର୍ଚ୍ଚ କରିଥିବା ପାଣ୍ଠି ମଧ୍ୟରୁ ଓଡିଶାର MSME ସଂସ୍ଥା କେତେ ପରିମାଣର ସାମଗ୍ରୀ ରାଜ୍ୟ ସରକାରଙ୍କୁ ବିକ୍ରୟ କରିଛନ୍ତି ଜିଲ୍ଲାୱାରୀ ଓ MSME ସଂସ୍ଥାୱାରୀ ତଥ୍ୟ ଦେବେ କି?

## R.I. circle ର ପୁନର୍ଗଠନ

**୧୧ . ଶ୍ରୀ ମୌଷଧି ବାଗ୍ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଧର୍ମଗଡ ନିର୍ବାଚନ ମଣ୍ଡଳୀର ଧର୍ମଗଡ ବ୍ଲକର ଛଞ୍ଚାଣବାହାଲୀ ଓ କୋକଶରା ବ୍ଲକର ଉହଗାଁ ପଞ୍ଚାୟତଠାରେ R.I. Circle ଗୁଡିକ ପୁନଃଗଠନ କରିବା ପାଇଁ ସରକାର ପାଖରେ ଯୋଜନା ଅଛ କି, ଯଦି ନା, ଏହି ଦୁଇ ସ୍ଥାନରେ R.I. Circle ପୁନଃଗଠନ କରିବାକୁ ସରକାର ପଦକ୍ଷେପ ନେବେ କି ?

## ନୂତନ ITI ସ୍ଥାପନ

**୧୨ . ଶ୍ରୀ ମୌଷଧି ବାଗ୍ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଧର୍ମଗଡ ନିର୍ବାଚନ ମଣ୍ଡଳୀ କେଉଁ କେଉଁ ବ୍ଲକର ଏବେସୁଦ୍ଧା କେତେଗୋଟି ସରକାରୀ ଓ ବେସରକାରୀ ITI ସ୍ଥାପିତ ହୋଇଛି, ସେସବୁର ନାମ ଓ ସ୍ଥିତାବସ୍ଥା କଣ ଏବଂ କେଉଁଥିରେ କେତେ ପିଲା କେଉଁ ଟ୍ରେଡ ପାଇଁ ନାମ ଲେଖାଇ permission ପାଇଛନ୍ତି, ଚଳିତ ବର୍ଷ କେଉଁଠାରେ ସରକାରୀସ୍ତରରେ ITI ସ୍ଥାପନ ହେବା ସରକାରଙ୍କ ପାଖରେ ଯୋଜନା ଅଛି କି, ଯଦି ନା ଧର୍ମଗଡ, କୋକଶରା ଓ କଳମପୁର ବ୍ଲକରେ ସ୍ଥାପନ ପାଇଁ ପଦକ୍ଷେପ ନେବେ କି ?

## ବେକାର ଯୁବକ ଯୁବତୀଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ

**୧୩ . ଶ୍ରୀ ମୌଷଧି ବାଗ୍ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବର୍ତ୍ତମାନ କରୋନା ପରିସ୍ଥିତିରେ ବହୁ ଯୁବକ ଯୁବତୀ ବେକାରୀ ଅବସ୍ଥାରେ ଅଛନ୍ତି, ଏ ପରିସ୍ଥିତିରେ ସେମାନଙ୍କୁ ବୈଷୟିକ ତାଲିମ

ପ୍ରଦାନ ଦେବାର ବ୍ୟବସ୍ଥା ଅଛି କି, ଯଦି ନା, ସେମାନଙ୍କୁ ତାଲିମ ପ୍ରଦାନ କରି କର୍ମ ନିଯୁକ୍ତି ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

## ଧର୍ମଗଡଠାରେ Sub-division ସ୍ଥାପନ

**୧୪ . ଶ୍ରୀ ମୌଷଧି ବାଗ୍ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଧର୍ମଗଡ Sub-division ଠାରେ ଗୋଟିଏ Electrical Sub-division ସ୍ଥାପନ ପାଇଁ ସରକାର ପାଖରେ ଯୋଜନା ଅଛି କି, ଯଦି ନା, ତାହେଲେ ଧର୍ମଗଡଠାରେ Electrical Sub-division କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

## ଧର୍ମଗଡଠାରେ ସରକାରୀ ITI ସ୍ଥାପନ

**୧୫ . ଶ୍ରୀ ମୌଷଧି ବାଗ୍ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଧର୍ମଗଡଠାରେ ସରକାରୀ ITI ମଞ୍ଜୁରୀ ପ୍ରଦାନ କରିଛନ୍ତି, ସ୍ଥାପନ ପାଇଁ ସ୍ଥାନ ନିରୂପଣ ହୋଇଛି ଓ ଗତ 2019 ନିର୍ବାଚନ ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀ virtual ମାଧ୍ୟମରେ ଉଦଘାଟନ କରିଥିଲେ ଓ Tender Call କରିବା ସତ୍ୟ କି, ଯଦି ହଁ, ତାହେଲେ କାମ ଆରମ୍ଭ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

## ବଜ୍ରପାତରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା

**୧୬ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟ ପ୍ରତି ଏବେ ବଜ୍ରପାତ ଆଉ ଏକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖାଦେଇଛି କି, ଗତ 5 ବର୍ଷ ମଧ୍ୟରେ କେତେ ଜଣ ବଜ୍ରଘାତ ଯୋଗୁ ପ୍ରାଣ ହରାଇଛନ୍ତି ଏବଂ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲାର ମୃତାହତଙ୍କ ସଂଖ୍ୟା କେତେ, (ଖ) କେତେ ଗୃହପାଳିତ ପଶୁ ମୃତାହତ ହୋଇଛନ୍ତି , ବଜ୍ରାଘାତ ଯୋଗୁ କ୍ଷତିଗ୍ରସ୍ତ ପରିବାରକୁ କେତେ ସହାୟତା ଦିଆଯାଇଛି ?

## Mini Hydel ସ୍ଥାପନ

**୧୭ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ Mini Hydel ସ୍ଥାପନ ପାଇଁ କେତେ ଗୋଟି ସ୍ଥାନକୁ ଚିହ୍ନଟ କରାଯାଇଥିଲା, କେବେ ସେଗୁଡିକର ସର୍ଭେ କାର୍ଯ୍ୟ ସମାପ୍ତ ହୋଇଥିଲା, ବର୍ତ୍ତମାନ ସୁଦ୍ଧା କେତୋଟି Mini Hydel Project କାମ ଆରମ୍ଭ ହୋଇଛି ଅନ୍ୟ ଗୁଡିକର କାମ ନହେବାର କାରଣ କଣ, (ଖ) ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲାର ଚିହ୍ନଟ ସ୍ଥାନ ଗୁଡିକର ତଥ୍ୟ ଦେବେ କି ?

## ପସ୍କୋ ସ୍ଥାପନ ସମ୍ପର୍କରେ

**୧୮ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ପସ୍କୋ ଏବେ ରାଜ୍ୟ ପାଇଁ ଇତିହାସ ପାଲଟି ଯାଇଛିକି, ଏହା ସ୍ଥାପନ ହେବାର ସମସ୍ତ ବାଟ ବନ୍ଦ ହୋଇଯାଇଛି କି, ଏହି ବିଦେଶୀ ସଂସ୍ଥାକୁ କେତେ ଏକର ଜମି ହସ୍ତାନ୍ତର କରାଯାଇଥିଲା, ତନ୍ମଧ୍ୟରୁ କେତେ ଜମି ଫେରସ୍ତ ଆସିଲାଣି, ଉକ୍ତ ଜମିରେ ପୁନର୍ବାର ଧାନ, ପାନ ଓ ମୀନ ଚାଷ ହେଲାଣି କି ?

## ରାଜସ୍ୱ ନିରୀକ୍ଷକ ପଦବୀ ପୂରଣ

**୧୯ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ କେତେ ସଂଖ୍ୟକ ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜର ପଦବୀ ଖାଲି ପଡିଛି, ଏଗୁଡିକର ପୂରଣ ପାଇଁ ସରକାର ବାରମ୍ବାର ପ୍ରତିଶୃତି ଦେଇ ଆସିଛନ୍ତି କି, ତାହା କାର୍ଯ୍ୟକାରୀ ନହେବାର କାରଣ କ,ଣ, ଏହାଦ୍ୱାରା ରାଜସ୍ୱ ପ୍ରଶାସନ ସାଧାରଣ ଲୋକଙ୍କ ଠାରୁ ଦୂରେଇ ଯାଇଛି କି, (ଖ) ସେହିପରି ଭାବେ କେତେ ସଂଖ୍ୟକ ଅମୀନ ପଦବୀ ଖାଲିପଡିଛି ?

## ସାମୁଦ୍ରିକ ବିଦ୍ୟୁତ ଚାହିଦାର ପରିମାଣ

**୨୦ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଏବେ ସାମୁଦ୍ରିକ ବିଦ୍ୟୁତ ଚାହିଦା କେତେ, ସେହିପରି ଭାବେ ସାମଗ୍ରୀକ ଉତ୍ପାଦନ କେତେ ବିଦ୍ୟୁତ ଶକ୍ତି ଉତ୍ପାଦନ ହେଉଛି, କେଉଁ ସୁତ୍ରରୁ କେତେ ମିଳୁଛି, ବିଦ୍ୟୁତ ବଳକା ରାଜ୍ୟ କୁହାଯିବା ସତ୍ୟ କି, ଏହା ସତ୍ତ୍ୱେ ବ୍ୟାପକ ସମୟ ବିଦ୍ୟୁତ କାଟ ହେବାର କାରଣ କଣ ?

## ବନ୍ଦୋବସ୍ତ ପରେ ପଟ୍ଟା ପ୍ରଦାନ

**୨୧ . ଶ୍ରୀ ସୁରେଶ କୁମାର ରାଉତରାୟ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡିଶା ସରକାରଙ୍କ ଜମିଦାର ଉଚ୍ଛେଦ ନିୟମ ଅନୁଯାୟୀ ଏ ଖରାଜ ମାହାଲ ଜମିଦାର ଜମିଦାର ଉଚ୍ଛେଦ ହୋଇଛିକି, ଏ ଖରାଜ ମାହାଲର 156 ଗ୍ରାମରୁ 120ଟି ରାଜସ୍ୱ ଗ୍ରାମର ରୟତମାନେ ସେମାନଙ୍କର ସ୍ଥିତିବାନ ପଟ୍ଟା ପାଇସାରିଛନ୍ତି କିନ୍ତୁ 1998 ମସିହାରେ ଜଟଣୀ ତହସିଲରେ ଚାଲିଥିବା ବନ୍ଦୋବସ୍ତରେ ଲୋକେ ପଟ୍ଟା ଏପର୍ଯ୍ୟନ୍ତ ପାଇଲେ ନାହିଁ, ତାର କାରଣ କଣ, ଖୋର୍ଦ୍ଧା ଏଖରାଜ ମାହାଲର ଜଟଣୀ ତହସିଲ ଅଧିନରେ 2012 ମସିହା ପୂର୍ବରୁ ପୂର୍ବତନ ଜମିଦାର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର କେତେ ନିଜସ୍ୱ ସଂପତ୍ତି ଥିଲା, 2013 ମସିହା ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବନ୍ଦୋବସ୍ତରେ କେତେ ସଂପତ୍ତି ହେଲା?

## ଗୋଚର ଜମିକୁ ଜବରଦଖଲମୁକ୍ତ

**୨୨ . ଶ୍ରୀ ସୁରେଶ କୁମାର ରାଉତରାୟ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭୁବନେଶ୍ୱର ତହସିଲ ଅଧିନସ୍ଥ ପାଇକରାପୁର ରାଜସ୍ୱ ସର୍କଲରେ ଘଙ୍ଗାପାଟଣା ମୌଜାରେ G.I.E.T କଲେଜ ସରକାରୀ ଓ ଗୋଚର ଜମି ଜବରଦଖଲ ସହ କେରାଣ୍ଡିଆ ଜଳସେଚନ ପ୍ରକଳ୍ପ ବନ୍ଧରେ ବସ ଯାତାୟତ କରି ଭାଙ୍ଗିବା ସଂପର୍କରେ ସରକାର ଅବଗତ ଅଛନ୍ତିକି, ଉତ୍ତର ଯଦି ହଁ ହୁଏ G.I.E.T କଲେଜ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଗୋଚର ଜମି ସରକାରୀ ଜାଗା ଓ ଜଳସେଚନ ପ୍ରକଳ୍ପ ଜବରଦଖଲ ମୁକ୍ତ ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେକି?

## ଗ୍ରାମକୁ ବିଦ୍ୟୁତ ସଂଯୋଗ

**୨୩ . ଶ୍ରୀ ସୁରେଶ କୁମାର ରାଉତରାୟ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ କେତୋଟି ଗ୍ରାମକୁ ବିଦ୍ୟୁତ ସଂଯୋଗ ବାକି ଅଛି ଏବଂ ଉକ୍ତ ଗ୍ରାମଗୁଡିକୁ କେବେସୁଦ୍ଧା ବିଦ୍ୟୁତ ସଂଯୋଗ କରାଯିବ ନିର୍ଦ୍ଦିଷ୍ଟଭାବେ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି?

## ଶିଳ୍ପାନୁଷ୍ଠାନକୁ ଜମି ବଣ୍ଟନ

**୨୪ . ଶ୍ରୀ ସୁରେଶ କୁମାର ରାଉତରାୟ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଖୋର୍ଦ୍ଧା ଜିଲ୍ଲା ଅଧିନସ୍ଥ କେଉଁ ଶିଳ୍ପାଞ୍ଚଳରେ କେତେ ଜମି ଆବଣ୍ଟନ ନହୋଇ ପଡିରହିଛି, ଉକ୍ତ ଜିଲ୍ଲାରେ କେଉଁ ଅଞ୍ଚଳର କେତେ ଜମିକୁ ନୂତନଭାବେ ଶିଳ୍ପାଞ୍ଚଳ ପାଇଁ ନେବାର ବ୍ୟବସ୍ଥା ହେଉଛି ଜଣାଇବେକି?

## ସୂଚନା ଓ ପ୍ରଯୁକ୍ତି ପାଇଁ ଜମି ଆବଣ୍ଟନ

**୨୫ . ଶ୍ରୀ ସୁରେଶ କୁମାର ରାଉତରାୟ :** ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଖୋର୍ଦ୍ଧା ଜିଲ୍ଲା ଅଧିନରେ କେଉଁ ଶିଳ୍ପାଞ୍ଚଳ ବା କେଉଁଠାରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ଓ ପ୍ରଯୁକ୍ତି ପାଇଁ କେଉଁ ସଂସ୍ଥାକୁ କେତେ ଜମି ଗତ ପାଞ୍ଚ ବର୍ଷ ମଧ୍ୟରେ ଦିଆଯାଇଛି ଏବଂ ନୂତନଭାବେ କେଉଁ ସଂସ୍ଥାକୁ କେତେ ଜମି କେଉଁଠାରେ ଦେବାର ଅଛି ସଂପୃକ୍ତ ବିବରଣୀ ପ୍ରଦାନ କରିବେକି?

## ଉଚ୍ଚକୋଟୀର କ୍ରୀଡା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ

**୨୬ . ଶ୍ରୀ ନବ ଚରଣ ମାଝି :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବାମନ ଘାଟୀ Sub-division ରେ ଅନେକ ପ୍ରତିଭା ଖେଳାଳି(ପୁରୁଷ, ମହିଳା) ଅଛନ୍ତି, ଯେଉଁମାନେ ଦେଶ ବାହାରକୁ ଯାଇ medal ଆଣିଛନ୍ତି, ଯେପରି ଜମୁନା ମୁର୍ମୁ ଏବଂ ପୂର୍ଣ୍ଣିମା ହେମ୍ବ୍ରମ, ଏମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ଦେବା ପାଇଁ ପ୍ରଶିକ୍ଷକ ଓ ପ୍ରଶିକ୍ଷଣ କେନ୍ଦ୍ର ବାମନ ଘାଟୀରେ ପ୍ରତିଷ୍ଠା

କରିବେକି, ଯଦି ହଁ ତେବେ କେବେସୁଦ୍ଧା ଆରମ୍ଭ କରିବେ ଏହାର ଫାଇଦା Athletes ଓ କ୍ରୀଡାବିତମାନେ କେବେସୁଦ୍ଧା ପାଇବେ?

## ନୂତନ ସ୍ୱକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ

**୨୭ . ଶ୍ରୀ ନବ ଚରଣ ମାଝି :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଚାରିଗୋଟି ବ୍ଲକ ଓ ଗୋଟିଏ ମ୍ୟୁନିସିପାଲିଟି ଅବସ୍ଥିତ, ସେଠାରେ ଆଜି ପର୍ଯ୍ୟନ୍ତ କେତେଗୋଟି ସ୍ୱକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଛି, ସେଥିରୁ କେତେଗୋଟି ଉଦ୍ୟୋଗ ରୁଗଣ ଅବସ୍ଥାରେ ଅଛି ଓ କେତେଗୋଟି ଉଦ୍ୟୋଗ ଚାଲୁଅଛି ତାହାର ସୂଚନା ପ୍ରଦାନ କରିବେକି,ଇତିମଧ୍ୟରେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ କିଛି ନୂଆ ଉଦ୍ୟୋଗ କରିବାର ଯୋଜନା ଅଛି କି, ଯଦି ହଁ, ତେବେ କେବେସୁଦ୍ଧା ଆରମ୍ଭ ହେବ, କେବେ ଶେଷ ହେବାର target ଅଛି ଉତ୍ତର ଦେବେକି?

## ନୂତନ ଲୌହ ଇସ୍ପାତ କାରଖାନା ପ୍ରତିଷ୍ଠା

**୨୮ . ଶ୍ରୀ ନବ ଚରଣ ମାଝି :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବାମନ ଘାଟୀ ସବଡିଭିଜନରେ ତିନିଗୋଟି ଉନ୍ନତମାନର ଲୌହଖଣି ଅଛି, ଦିର୍ଘ ଦିନ ହେବ ସେଠାରେ ମଧ୍ୟମ ବା କ୍ଷୁଦ୍ର ଲୌହ ଇସ୍ପାତ କାରଖାନା ପ୍ରତିଷ୍ଠା ହେବା ପାଇଁ ଦାବୀ କରାଯାଉଛି, ସରକାର ଏ ସମ୍ବନ୍ଧରେ କଣ ପଦକ୍ଷେପ ନେଇଛନ୍ତି, ଯଦି କାରଖାନା ହେବ କେଉଁଠାରେ ହେବ, କେତେ ପରିମିତ ଜାଗାରେ ଶିଳ୍ପ ପ୍ରତିଷ୍ଠା ହେବ, ଏବଂ କେବେସୁଦ୍ଧା କାମ ଆରମ୍ଭ ହେବ, ଏବଂ କେବେସୁଦ୍ଧା ଶେଷ ହେବ, ଏହାର ସବିଶେଷ ବିବରଣୀ ପ୍ରଦାନ କରିବେକି?

## ଖେଳ ପଡିଆର ଉନ୍ନତିକରଣ

**୨୯ . ଶ୍ରୀ ନବ ଚରଣ ମାଝି :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଇରଙ୍ଗପୁର ମହଲଡିହା ୱାର୍ଡ ନଂ 01 ଠାରେ ଥିବା ଏକ ଖେଳ ପଡିଆକୁ ଉନ୍ନତିକରଣ ପାଇଁ କ୍ରୀଡା ଏବଂ ଯୁବକଲ୍ୟାଣ ବିଭାଗରୁ 20ଲକ୍ଷ ଟଙ୍କା ମଂଜୁର ହୋଇଥିଲା, ଅଳ୍ପ କିଛି ଖର୍ଚ୍ଚ ହୋଇ ବାକି ପ୍ରାୟ 14 ଲକ୍ଷ ଟଙ୍କା ତାର କାରଣ କଣ, ଦିର୍ଘ ଦିନ ହେଲା ପଡିରହିଛି କାମ ହେଉନାହିଁ ଏଥିପାଇଁ ଦାୟୀ କିଏ, ଏହାର ସବିଶେଷ ବିବରଣୀ ଦେବେକି?

## ରାଇରଙ୍ଗପୁରରେ ଗାଁକୁ ବିଜୁଳି ଯୋଗାଣ

**୩୦ . ଶ୍ରୀ ନବ ଚରଣ ମାଝି :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଇରଙ୍ଗପୁର

ନିର୍ବାଚନମଣ୍ଡଳୀର କେତେ ଗାଁକୁ ବିଜୁଳି ଶକ୍ତି ଯୋଗାଇ ଦିଆଯାଇଛି,ଆଉ କେତେ ଗ୍ରାମ ବିଜୁଳି ପାଇବାରୁ ବଞ୍ଚିତ ଅଛନ୍ତି ତାର ତଥ୍ୟ ରଖିବେକି, ଏବଂ ସେମାନଙ୍କୁ କେବେସୁଦ୍ଧା ବିଜୁଳି ଯୋଗାଇବେ ତାର ସବିଶେଷ ବିବରଣୀ ପ୍ରଦାନ କରିବେକି?

## ନୂତନ ତହସିଲ ପ୍ରତିଷ୍ଠା ପାଇଁ Guideline

**୩୧ . ଶ୍ରୀ ପ୍ରଫୁଲ୍ଲ ସାମଲ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ନୂତନ ତହସିଲ ପ୍ରତିଷ୍ଠା କରିବାପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି; ନୂତନ ତହସିଲ ପ୍ରତିଷ୍ଠାପାଇଁ ସରକାରଙ୍କ Guideline କଣ ; ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଆଗରପଡ଼ାଠାରେ ଏକ additional Tahasil ଅଫିସ ଖୋଲିବାପାଇଁ ସରକାର ବିଚାର କରିବେ କି ?

## ବିଦ୍ୟୁତକରଣ ହୋଇନଥିବା ଗ୍ରାମ

**୩୨ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲା ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର କେତେ ରାଜସ୍ୱ ଓ ପଡ଼ା ଗ୍ରାମକୁ ଆଜିପର୍ଯ୍ୟନ୍ତ ବିଦ୍ୟୁତକରଣ କରାଯାଇନାହିଁ ତାର ତଥ୍ୟ ସରକାର ଦେବେ କି; ଏହି ଗ୍ରାମଗୁଡ଼ିକୁ କେବେସୁଦ୍ଧା ବିଦ୍ୟୁତ ସଂଯୋଗ କରାଯିବ ; ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ସମସ୍ତ Category ର Consumer ସଂଖ୍ୟା କେତେ ?

## ଭଦ୍ରକରେ Sports Complex ନିର୍ମାଣ

**୩୩ . ଶ୍ରୀ ପ୍ରଫୁଲ୍ଲ ସାମଲ :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2020 - 2021 ଆର୍ଥିକ ବର୍ଷରେ ଯେଉଁ ଜିଲ୍ଲାମାନଙ୍କରେ Sports Complex ନାହିଁ ସେ ଜିଲ୍ଲାମାନଙ୍କରେ Sports Complex କରିବାପାଇଁ ବଜେଟରେ ପ୍ରସ୍ତାବ ରଖାଯାଇଛି କି; ଭଦ୍ରକରେ Sports Complex ନିର୍ମାଣ ପାଇଁ ଆବଶ୍ୟକତା ଦୃଷ୍ଟିରୁ ବିଚାର କରିବେ କି ?

## Food Park , Textile Park ପ୍ରତିଷ୍ଠାରେ ବିଳମ୍ବ

**୩୪ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବାରିକପୁରଠାରେ (ଧାମନଗରଛକ) IDCO ଅଧିକୃତ ଜମିରେ Food Park, Textile Park, ଆଦି ପ୍ରତିଷ୍ଠା କରିବାର ପ୍ରସ୍ତାବ ଥିଲେ ବି ବିଳମ୍ବ ହେବାର କାରଣ କଣ; କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ଏଥିପାଇଁ MOU କୌଣସି କମ୍ପାନୀ ସହିତ କରାଯାଇଛି କି; IOCL ତରଫରୁ କୌଣସି ଶିଳ୍ପ ପ୍ରତିଷ୍ଠାର ପ୍ରସ୍ତାବ ଅଛି କି ?

## ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ

**୩୫ . ଶ୍ରୀ ଭୂପିନ୍ଦର ସିଂହ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭାରତ ସରକାରଙ୍କ ସୌଭାଗ୍ୟ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଯାହା 31 03 .2019 ମଧ୍ୟରେ ବିଦ୍ୟୁତ ସଂଯୋଗ ଦେବାପାଇଁ ବ୍ୟବସ୍ଥା ଥିଲା ଏବଂ ୱେସ୍କୋଠାରୁ ପ୍ରାପ୍ତ ତଥ୍ୟାନୁଯାୟୀ ଯାହା ନର୍ଲା ନିର୍ବାଚନ ମଣ୍ଡଳୀରେ ସମସ୍ତ ଇଚ୍ଛୁକ ଗ୍ରାହକଙ୍କୁ ବିଦ୍ୟୁତ ସଂଯୋଗ କରାଯାଇଥିବାର ପ୍ରକାଶ କରିଥିଲେ ପ୍ରକୃତରେ ସମସ୍ତ ଗ୍ରାହକଙ୍କୁ ବିଦ୍ୟୁତ ସଂଯୋଗ ହୋଇନାହିଁ ଯାହା ଅନୁସନ୍ଧାନରୁ ଜଣାପଡ଼ିଛି କେବେ ସେଗୁଡ଼ିକ ସଂଯୋଗୀକରଣ ହେବ; ପରନ୍ତୁ ତନ୍ମଧ୍ୟରୁ କେତେ ପରିବାର BPL ଅନ୍ତର୍ଭୁକ୍ତ ଓ କେତେ APL ଅନ୍ତର୍ଭୁକ୍ତ ଗ୍ରାମୱାରୀ ତଥ୍ୟ ଉପସ୍ଥାପନ କରିବେ କି ?

## R.I. ସର୍କଲର ପୁନର୍ଗଠନ

**୩୬ . ଶ୍ରୀ ଭୂପିନ୍ଦର ସିଂହ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) କଳାହାଣ୍ଡି ଜିଲ୍ଲାରେ, ବିଭାଗ ତରଫରୁ ମଞ୍ଜୁର ହୋଇଥିବା 25 ଗୋଟି ନୂତନ ଆର.ଆଇ (R.I. Circle ) ସର୍କଲ ପୁନର୍ଗଠନ ପ୍ରକ୍ରିୟା ଶେଷ ହୋଇ ଜିଲ୍ଲାରୁ ପ୍ରସ୍ତାବ ଆସି କେବେ ବଭାଗଙ୍କ ଦ୍ୱାରା ଅନୁମୋଦନ ହୋଇ କାର୍ଯ୍ୟକାରୀ ହେବ; (ଖ) କଳାହାଣ୍ଡି ଜିଲ୍ଲାରେ ଅନୁମୋଦିତ ଆର.ଆଇ ପୋଷ୍ଟରେ କେତେଜଣ ଅବସ୍ଥାପିତ ଓ କେତେ ଶୂନ୍ୟସ୍ଥାନ ତଥା କେବେ ସୁଦ୍ଧା ପୂରଣ ହେବ ?

## ଦାଖଲଖାରଜ ପାଇଁ ଅନୁମତି

**୩୭ . ଶ୍ରୀ ଭୂପିନ୍ଦର ସିଂହ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର ମ୍ୟୁନିସିପାଲଟି ଅଞ୍ଚଳରେ 2006 ପରଠୁ ନଜୁଲ( ( Nazul) ଦାଖଲ ଖାରଜ ( ମ୍ୟୁଟେସନ) କରାଯାଉନଥିବା କାରଣ କଣ ; ପ୍ରତ୍ୟହ ସେ ଅଞ୍ଚଳରେ କିଣାବିକା ଜମିଜମା ହେଉଥିଲେ ବି ଦାଖଲ ଖାରଜ ହୋଇପାରୁ ନଥିବାରୁ ଦିନକୁଦିନ ଲିଟିଗେସନ ବଢୁଛି ମାଲିମକଦ୍ଦମାବି ବଢୁଛି ଏହା କେବେ ଦାଖଲ ଖାରଜ ଅନୁମତି ବିଭାଗ ଦେବେ ?

## ଦାଖଲଖାରଜ ମକଦ୍ଦମା କାର୍ଯ୍ୟକାରୀ

**୩୮ . ଶ୍ରୀ ଭୂପିନ୍ଦର ସିଂହ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓଡ଼ିଶାର ବିଭିନ୍ନ ତହସିଲ ମାନଙ୍କରେ ଜମିଜମା ରେଜିଷ୍ଟ୍ରେସନ ହେଲାପରେ, ସବରେଜିଷ୍ଟ୍ରାରମାନଙ୍କଠାରୁ ଫର୍ମ - 3 ପାଇବା ପରେ ସେ ମୋଟୋ (ବିନା ଦରଖାସ୍ତରେ) ଦାଖଲ ଖାରଜ ମୋକଦ୍ଦମା ଆରମ୍ଭ ହୋଇପାରିବ ଏବଂ ହୋଇଥିଲେ ମଧ୍ୟ ତାହା ଏବେ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ବିଭାଗ କିଛି ତଥ୍ୟ ଉପସ୍ଥାପନ କରିବେ କି, (ଖ) ଯଦି ନ ହେଉଛି ତାହାକୁ

ତ୍ୱରାନ୍ୱିତ କରିବେ କି; କାରଣ ମଫସଲମାନଙ୍କରେ ଅନଲାଇନ ବ୍ୟବସ୍ଥାର ସୁବିଧା ନ ଥିବାରୁ ସେମାନେ ଉପକୃତ ହୋଇପାରୁ ନାହାନ୍ତି ?

**ଇଡ଼କୋ ଦ୍ୱାରା ପାର୍କ ନିର୍ମାଣ**

**୩୯ . ଶ୍ରୀ ଭୂପିନ୍ଦର ସିଂହ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) କଳାହାଣ୍ଡି ଜିଲ୍ଲାର କେସିଙ୍ଗାଠାରେ କାଗଜକଳ ଜମିକୁ ଇଡ଼କୋ ଦ୍ୱାରା ସେଠାରେ 62.72 ଏକର ଜମିରେ ଏକ Multy Product MSME Park ଓ 50 ଏକରରେ Food Processing Park ସ୍ଥାପନ କରାଯାଉଥିବା ପ୍ରକଳ୍ପ କେବେ ଆରମ୍ଭ ହେବ କିନ୍ତୁ ଉପରୋକ୍ତ ( ପାର୍କ) ମାନଙ୍କରେ ଜମିହରା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଶିଳ୍ପ କରିବାପାଇଁ ଦିଆଯିବ କି; (ଖ) କେସିଙ୍ଗାରେ କାଗଜକଳ ସ୍ପିନିଂମିଲ ଓ ମଥୁରାର ଚିନି କଳ କେବେସୁଦ୍ଧା ଆରମ୍ଭ ହେବ ?

**ଶିଳ୍ପ ସଂସ୍ଥାକୁ ଜମି ପ୍ରଦାନ**

**୪୦ . ଶ୍ରୀ ଶଙ୍କର ଓରାମ୍ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡାରେ ଯେଉଁସବୁ ସଂସ୍ଥା ଗଢ଼ି ଉଠିଛି ସେଥିରୁ କେଉଁ ଶିଳ୍ପ ସଂସ୍ଥା କେତେ କେତେ ପରିମାଣର ଜମିରେ ପାଚେରୀ ବୁଲାଇଛନ୍ତି ବା ଦଖଲରେ ଅଛନ୍ତି ସେଥିରୁ କେତେ ପରିମାଣର ଜମି ଜବରଦଖଲ କରିଛନ୍ତି ଜଣାଇବେ କି; ଏବଂ ( ଖ ) ଉକ୍ତ ବ୍ଲକ ଦୁଇଟିରେ ଯେଉଁସବୁ ଶିଳ୍ପସଂସ୍ଥା ଗଢ଼ିଉଠିଛି ସେଥିରୁ କେଉଁ ଶିଳ୍ପ ସଂସ୍ଥାକୁ ସରକାର କେତେ କେତେ ପରିମାଣର ଜମି କେବେକେବେ ଦେଇଛନ୍ତି ଓ ଦିଆଯାଇଥିବା ଜମିରୁ ସରକାରୀ ଜମି କେତେ ଓ ଘରୋଇ ଲୋକଙ୍କଠାରୁ କେତେ ପରିମାଣର ଜମି ଅଧିଗ୍ରହଣ କରାଯାଇ ଏହି ସବୁଶିଳ୍ପ ସଂସ୍ଥାକୁ ଦିଆଯାଇଛି, ଏହାର ଏକ ବିସ୍ତୃତ ବିବରଣୀ ଶିଳ୍ପ ସଂସ୍ଥାୱାରୀ ପ୍ରଦାନ କରିବେ କି ?

**Bio Tech park ପାଇଁ ଜମି ହସ୍ତାନ୍ତର**

**୪୧ . ଶ୍ରୀ ଶଙ୍କର ଓରାମ୍ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଅନ୍ଧାରୁଆ ମୌଜାର Bio Tech park ପ୍ରତିଷ୍ଠା ନିମନ୍ତେ ସରକାର ଯେଉଁ ଜମି BBILକୁ ଯୋଗାଇ ଦେଇଥିଲେ, ଉକ୍ତ ସଂସ୍ଥା ନିର୍ଦ୍ଧାରିତ ସମୟରେ park ନିର୍ମାଣ କରିନଥିବାରୁ IDCO ତରଫରୁ ସ୍ୱାକ୍ଷରିତ ହୋଇଥିବା LDAକୁ ରଦ୍ଦ କରିବାକୁ September 2014 ରେ ନୋଟିସ ପ୍ରଦାନ କରାଯାଇଥିଲା । ସେହି Notice ପାଇବାର କେତେ ଦିନ ମଧ୍ୟରେ ଉକ୍ତ ସଂସ୍ଥା ତାହାର ଉତ୍ତର ରଖିଥିଲେ, ରଖିଥିବା ଉତ୍ତରର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ନିର୍ଦ୍ଧାରିତ ସମୟରେ କାମ

ଆରମ୍ଭ କରିନଥିବାରୁ ଉକ୍ତ ସଂସ୍ଥା ସପକ୍ଷରେ ଆବଣ୍ଟନ କରାଯାଇଥିବା ଜମି କେବେ ରଦ୍ଦ କରାଯାଇଛି ଏବଂ ବର୍ତ୍ତମାନ ପ୍ରକଳ୍ପର କାର୍ଯ୍ୟ କେବେଠାରୁ ଆରମ୍ଭ କରାଯାଇଛି ଓ କେବେ ଶେଷ ହେବ ଏବଂ ବର୍ତ୍ତମାନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଭାବେ ଜଣାଇବେ କି ?

## ସରକାରଙ୍କୁ ଜମି ଫେରସ୍ତ

**୪୨ . ଶ୍ରୀ ଶଙ୍କର ଓରାମ୍ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ୟୁ.ଡ଼ି. ପ୍ରଶ୍ନ ସଂ-୪୫୬ ତା-୩.୧୦.୨୦୨୦ରିଖ ଉତ୍ତର ପରିପ୍ରେକ୍ଷୀରେ ୧୯୯୯ ମସିହାରେ ଉକ୍ତ ଜମି ମଧ୍ଯରୁ Rourkela Steel Plant କର୍ତ୍ତୃପକ୍ଷ ୨.୦୮.୩୦ ରାଜ୍ୟ ସରକାରଙ୍କୁ ଫେରସ୍ତ କରିଛନ୍ତି ଓ ବଳକା ୨.୭.୫୬ ତାଙ୍କର ଭବିଷ୍ୟତ ବ୍ୟବହାର ପାଇଁ ଯେଉଁ ସଂରକ୍ଷିତ ରଖିଛନ୍ତି ଏହିସବୁ ଜମି ଉକ୍ତ Plant ପାଇଁ କେଉଁ ଘରୋଇ ଲୋକଙ୍କଠାରୁ କେବେ ଅଧିଗ୍ରହଣ କରାଯାଇଥିଲା ତାହାର ତଥ୍ୟ ପ୍ରଦାନ କରିବେ କି ?

## ଘରୋଇ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ

**୪୩ . ଶ୍ରୀ ଶଙ୍କର ଓରାମ୍ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ୟୁ.ଡ଼ି. ପ୍ରଶ୍ନ ସଂଖ୍ୟା-୪୫୮ ତା-୩.୧୦.୨୦୨୦ରିଖ ଉତ୍ତର ପରିପ୍ରେକ୍ଷୀରେ କେଉଁ ଘରୋଇ ଲୋକଙ୍କ କେତେ କେତେ ପରିମାଣର ଜମି କେବେ ଅଧିଗ୍ରହଣ କରାଯାଇ ଥିଲା ତାହାର ତଥ୍ୟ ଏହି କାର୍ଯ୍ୟାଳୟରେ ବର୍ତ୍ତମାନ ଉପଲବ୍ଧ ନାହିଁ ବୋଲି ଉତ୍ତର ଦିଆଯାଇଥିବାରୁ ତାହାର ତଥ୍ୟ କେବେସୁଦ୍ଧା ଉପଲବ୍ଧ ହେବ ଓ କେବେସୁଦ୍ଧା ଦିଆଯିବ ଜଣାଇବେ କି; ଏବଂ (ଖ) ଉକ୍ତ ପ୍ରଶ୍ନର ଉତ୍ତର ପରିପ୍ରେକ୍ଷୀରେ ପରିଶିଷ୍ଟ (କ)ରେ ସଂଲଗ୍ନ କରାଯାଇଥିବା ଜମି ଯେଉଁ ଉଦ୍ଦେଶ୍ୟରେ ବର୍ତ୍ତମାନ ବ୍ୟବହାର ହେଉଛି ସେହି ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଇନଥିଲେ ମଧ୍ଯ ସେହି ଉଦ୍ଦେଶ୍ୟରେ ଜମି ବ୍ୟବହାର କରିବାକୁ ଦିଆଯିବା ଆଇନର ଉଲ୍ଲଙ୍ଘନ କରୁନାହିଁ କିପରି ଓ ଯେଉଁ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଇଥିଲା ସେହି ଉଦ୍ଦେଶ୍ୟରେ ଯଦି ଜମି ବ୍ୟବହାର ହୋଇନପାରିବ ତେବେ ଅନ୍ୟ ଉଦ୍ଦେଶ୍ୟରେ ସରକାର ବ୍ୟବହାର କରିପାରିବେ ବୋଲି କେଉଁ ନିୟମର କେଉଁ ଆଧାରରେ ଉଲ୍ଲେଖ କରାଯାଇଛି, ଜଣାଇବେ କି ?

## ବିସ୍ଥାପିତଙ୍କୁ ପଟ୍ଟା ବଣ୍ଟନ

**୪୪ . ଶ୍ରୀ ଶଙ୍କର ଓରାମ୍ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ୟୁ.ଡ଼ି. ପ୍ରଶ୍ନ ସଂ-୪୫୭ ତା.୩.୧୦.୨୦୨୦ରିଖ ଉତ୍ତର ପରିପ୍ରେକ୍ଷୀରେ ଯେଉଁ ୨୯୦୦ ପିରବାର

ବିସ୍ଥାପିତ ହୋଇଥିଲେ ସେଥିରୁ ଯେଉଁ ୪୯୯ ପରିବାରଙ୍କ ଉତ୍ତରାଧିକାରୀ ମିଳୁନଥିବାରୁ ପଟ୍ଟା ବଣ୍ଟାହୋଇ ପାରିନଥିଲା, ଏହି ୪୯୯ ପରିବାରଙ୍କ ମଧ୍ୟରୁ କେଉଁ ମାନଙ୍କଠାରୁ କେତେ କେତେ ପରିମାଣର ଜମି ଅଧିଗ୍ରହଣ କରାଯାଇଥିଲା ଏବଂ ଏହି ୨୯୦୦ ପରିବାରରୁ ସମୁଦାୟ ଘରବାରି ପଟ୍ଟା 3061 ପରିବାରକୁ ଦିଆଯାଇଥିଲା ବେଳେ ସମୁଦାୟ ଚାଷଜମି ପଟ୍ଟା ୭୬୪ ପରିବାରଙ୍କୁ ଦେବାକୁ ସ୍ଥିର ହୋଇଥିବାରୁ ଅବଶିଷ୍ଟ କେତେ ସଂଖ୍ୟାରେ ପରିବାର ଘରବାରି ଓ ଚାଷଜମି ପଟ୍ଟା ଦେବାକୁ ଏଯାବତ୍ ସ୍ଥିର ହୋଇନାହିଁ, ଜଣାଇବେ କି ?

## ଶିଳ୍ପ ସଂସ୍ଥାରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି

**୪୫ . ଶ୍ରୀ ମୋହନ ଚରଣ ମାଝୀ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟସ୍ତରୀୟ ଏକକ ବାତାୟନ୍ ଅନୁମୋଦନ କର୍ତ୍ତୃପକ୍ଷ ଏବଂ ଉଚ୍ଚସ୍ତରୀୟଅନୁମୋଦନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୁଦାୟ ରାଜ୍ୟରେ କେତେଗୋଟି କମ୍ପାନୀ ତରଫରୁ କେତେ କ୍ଷମତା ବିଶିଷ୍ଟ କେତେଗୋଟି ସ୍ଲରି ପାଇପ୍ ଲାଇନ୍ ପ୍ରୋଜେକ୍ଟ, ଆଇରନ୍ ଓର ବେନିଫିକେସନ୍ ପ୍ଲାଣ୍ଟ ଓ ପେଲେଟସ ପ୍ଲାଣ୍ଟକୁ କେଉଁ କେଉଁ ବର୍ଷରେ ଅନୁମୋଦନ କରିଥିଲେ ; କେଉଁ କେଉଁ କମ୍ପାନୀର କେଉଁ ପ୍ରସ୍ତାବିତ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଆବେଦନ ବିଚାରଧୀନ ରହିଛି ; ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ କେତେଗୋଟି କାର୍ଯ୍ୟକ୍ଷମ ହୋଇଛି କେତେ ପ୍ରକଳ୍ପ ଆଦୌ ପ୍ରତିଷ୍ଠା କରିନାହାନ୍ତି ; କେତେଗୋଟି ଆଂଶିକ କାର୍ଯ୍ୟକ୍ଷମ ଓ କେତେ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି; ସମ୍ପୃକ୍ତ ଶିଳ୍ପରେ ପୁଞ୍ଜି ବିନିଯୋଗ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି ତାର ଏକ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ; କେଉଁ କେଉଁ ଅନୁମୋଦିତ ପ୍ରକଳ୍ପ କେଉଁ କାରଣରୁ ପ୍ରତିଷ୍ଠା ହୋଇପାରିଲା ନାହିଁ ଏ ସମ୍ପର୍କରେ କେତେଥର ଉଚ୍ଚସ୍ତରୀୟ ସମୀକ୍ଷା କାହା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଓ ସମୀକ୍ଷାରୁ କି କି ନିର୍ଯ୍ୟାସ ମିଳିଥିଲା ; ନିର୍ଯ୍ୟାସ ଆଧାରରେ କି କି ନିର୍ଦ୍ଦିଷ୍ଟ ପଦକ୍ଷେପ କେବେ ଗ୍ରହଣ କରାଯାଇଛି ?

## ଭୁବନେଶ୍ୱରଠାରେ ଆଇଟି ହବ୍ ନିର୍ମାଣ

**୪୬ . ଶ୍ରୀ ମୋହନ ଚରଣ ମାଝୀ :** ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭୁବନେଶ୍ୱର ଆଇଟି ହବ୍ ରେ ପରିଣତ ହେବ ବୋଲି ସରକାର ଯେଉଁ ଘୋଷଣା କରିଛନ୍ତି ତାର ସତ୍ୟତା କେତେ; ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ କେତେ ସଂଖ୍ୟକ ଆଇଟି/ଆଇଟିଇଏସ୍ କମ୍ପାନୀ କାର୍ଯ୍ୟ କରୁଛନ୍ତି ଏବଂ କେଉଁ କମ୍ପାନୀମାନଙ୍କରେ କେତେ ଓଡ଼ିଆ ଯୁବକ ଯୁବତୀ କାର୍ଯ୍ୟ କରୁଛନ୍ତି ; ସେହି ଆଇଟି/ଆଇଟିଇଏସ୍ କମ୍ପାନୀମାନେ ବିଗତ ୧୦ ବର୍ଷରେ କେତେ ପୁଞ୍ଜି ବିନିଯୋଗ କରିଛନ୍ତି,

ତାଫଲରେ ରାଜ୍ୟ ପାଇଁ କେତେ କେତେ ପରିମାଣର ରାଜସ୍ୱ ଅର୍ଜନ ହୋଇପାରିଛି ଏବଂ ସମ୍ପୃକ୍ତ କମ୍ପାନୀମାନଙ୍କୁ ରାଜ୍ୟ ତରଫରୁ କେତେ ପରିମାଣର ପ୍ରୋତ୍ସାହନ ଭିତ୍ତିକ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଦିଆଯାଇଛି ସେ ସମ୍ପର୍କରେ କମ୍ପାନୀ ଓ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି; ଏଚ୍ ସିଏଲ୍ ଟେକ୍ନୋଲୋଜିଜ୍, ଓରାକଲ୍ ଫାଇନାନ୍ ସିଆଲ୍ ସର୍ଭିସେସ୍ ସଫ୍ଟୱେର, ଲାର୍ସେନ୍ ଆଣ୍ଡ ଟୁ୍ୟବ୍ରୋ ଇନ୍ ଫାଟେକ୍, ହେକ୍ସାୱେର ଟେକେନୋଲୋଜିଜ, କଗ୍ ନିଜାଂଟ କୋଲାବେରା, ଆଇଜିଏଟିଇ, ମାଇକ୍ରୋସଫ୍ଟ ଭଳି ବିଭିନ୍ନ ଉଚ୍ଚମାନର କମ୍ପାନୀମାନେ ଓଡିସାରେ ସେମାନଙ୍କ ଅଫିସ କେଉଁ କାରଣରୁ ଖୋଲିନାହାନ୍ତି ; ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ତରଫରୁ କେବେ କାହା ସହ ଯୋଗାଯୋଗ କରାଯାଇଥିଲା ଓ କଣ ପ୍ରତିଶ୍ରୁତି ମିଳିଥିଲା ?

## ଅନୁସୂଚିତ ଜାତି ଓ ଜନଜାତି ଜମି ବିକ୍ରି ପାଇଁ ଅନୁମତି

**୪୭ . ଶ୍ରୀ ମୋହନ ଚରଣ ମାଝୀ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ୨୦୦୯-୧୦ ରୁ ୨୦୧୯-୨୦ ବର୍ଷ ମଧ୍ୟରେ କେଉଁ କେଉଁ ଜିଲ୍ଲାର କେତେ ଅନୁସୂଚିତ ଜାତି ଓ ଜନଜାତିଙ୍କ କେତେ ପରିମାଣର ଜମି କେତେ ଜଣ ସାଧାରଣ ବର୍ଗଙ୍କ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ତଥା ଓଏଲ୍ଆର୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି, ବିଶେଷ କରି ଅନୁଗୁଳ ଜିଲ୍ଲାର ଅନୁଗୁଳ, ଛେଣ୍ଡିପଦା ବ୍ଲକ ଓ ଚାଳଚେର ବ୍ଲକ ଅଧୀନରେ ଏହି ସ୍ଥିତି କଣ ସେ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ କି ; ଖୋର୍ଦ୍ଧା ଜିଲ୍ଲାର ସାରୁଅ ଜମି ମାମଲା ଭଳି ରାଜ୍ୟର ଅନ୍ୟ କେତେ ଜିଲ୍ଲାରେ ଏଭଳି କେତେ ସଂଖ୍ୟକ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମି ହଡପ ନେଇ କେଳେଙ୍କାରୀ ମାମଲା ହୋଇଛି, କେତେ ମାମଲାର ତଦନ୍ତ ଜମି କ୍ରାଇମ୍ ବ୍ରାଞ୍ଚ ତଦନ୍ତ କରୁଛି, କେତେ ଜଣ ଗିରଫ ହୋଇଛନ୍ତି, ସେହି ମାମଲାଗୁଡ଼ିକର ଅଦ୍ୟତନ ସ୍ଥିତି କଣ କହିବେ କି ?

## ବିଜୁଳି ଦର ହ୍ରାସ ପାଇଁ ପଦକ୍ଷେପ

**୪୮ . ଶ୍ରୀ ମୋହନ ଚରଣ ମାଝୀ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଗତ ୫ ବର୍ଷ ଭିତରେ ବିଶେଷ କରି ଚଳିତ କରୋନା ମହାମାରୀ କାଳରେ ଦେଶର କେଉଁ କେଉଁ ରାଜ୍ୟରେ ବିଜୁଳି ଦର କେତେ ଥିଲା ଓ କେତେ ବୃଦ୍ଧି ପାଇ କେତେ ହୋଇଛି, ଓଡ଼ିଶା ତୁଳନାରେ ଏହା ଅଧିକ ନା କମ୍ ସେସବୁର ତୁଳନାତ୍ମକ ତଥ୍ୟ ପ୍ରଦାନ କରିବେ କି; ଅନ୍ୟପକ୍ଷରେ କେବେ ସୁଦ୍ଧା ସାମଗ୍ରିକ ବୈଷୟିକ ଓ ବ୍ୟବସାୟିକ (ଏଚଟିଆଣ୍ଡସି) ହାର ୧୦ ପ୍ରତିଶତ ତଳକୁ ଖସିବ, ବିଦ୍ୟୁତ୍ ସରବରାହ, ପରିବହନ ଚୋରି ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିପାରିବ ଓ ଶତ ପ୍ରତିଶତ ବିଜୁଳି ଦେୟ ସଂଗ୍ରହ ହେବ କହିବେ କି; ଯଦି

ଏସବୁ କରିହେବ ତେବେ ବିଜୁଳି ଦର କେତେକ ହ୍ରାସ ପାଇପାରିବ ବୋଲି ସରକାର ଆକଳନ କରିଛନ୍ତି ; ସେହିପରି ରାଜ୍ୟରେ ବିପର୍ଯ୍ୟସ୍ତ ବିଦ୍ୟୁତ୍ ଭିତ୍ତିଭୂମି ଯୋଗୁଁ ଉପଭୋକ୍ତାମାନଙ୍କୁ ବିଜୁଳିର ମହଙ୍ଗା ମାଡ଼ ସହିବାକୁ ପଡୁଛି କି ?

## ଲଘୁଖଣିଜ ନିର୍ଦ୍ଦେଶାଳୟରେ ଖାଲି ପଦବୀ ପୂରଣ

**୪୯ . ଶ୍ରୀ ମୋହନ ଚରଣ ମାଝୀ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଲଘୁଖଣିଜ ନିର୍ଦ୍ଦେଶାଳୟ କେଉଁ ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଲକ୍ଷ୍ୟକୁ ନେଇ କେବେ ପରିକଳ୍ପନା ଏବଂ ଘୋଷଣା କରାଯାଇଥିଲା ; ଘୋଷଣା ହେବାର କେତେ ସମୟ ଅବଧି ମଧ୍ୟରେ କେଉଁ ସ୍ଥାନରେ ସ୍ୱତନ୍ତ୍ର ଭାବେ ନିର୍ଦ୍ଦେଶାଳୟ କେବେ ଠାରୁ କାର୍ଯ୍ୟକ୍ଷମ ହୋଇଛି ; ନିର୍ଦ୍ଦେଶାଳୟରେ କେଉଁ କେଉଁ ସ୍ତରରେ କେତେ ସଂଖ୍ୟକ କେଉଁ କେଉଁ ପଦବୀ ସୃଷ୍ଟି କରାଯାଇଛି ; ସୃଷ୍ଟି ହୋଇଥିବା ପଦବୀରେ ନିୟଜିତ କେଉଁ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ କାର୍ଯ୍ୟ ପରିସର କଣ ନିର୍ଦ୍ଧାରଣ କରାଯାଇଛି ; ସମ୍ପୃକ୍ତ ଅଧିକାରୀଙ୍କ ମଧ୍ୟରୁ କେଉଁ କେଉଁ ଅଧିକାରୀ ମୂଳ ବିଭାଗ ସହ ନିର୍ଦ୍ଦେଶାଳୟରେ ଅତିରିକ୍ତ ଦାୟିତ୍ୱରେ ନିର୍ବାହ କରୁଛନ୍ତି କିମ୍ବା ଦ୍ୱୈଧ୍ୟ କାର୍ଯ୍ୟ ତୁଲାଉଛନ୍ତି ; ଏବଂ କେଉଁ କେଉଁ ପଦବୀ କେବେ ଠାରୁ ଖାଲି ଅଛି ; ନିର୍ଦ୍ଦେଶାଳୟକୁ ସ୍ୱୟଂସମ୍ପୂର୍ଣ୍ଣ କରାଯିବା ନିମନ୍ତେ ଖାଲିଥିବା ପଦବୀ କେବେସୁଦ୍ଧା ପୂରଣ କରାଯିବ ସେଥିପାଇଁ କି କି ପଦକ୍ଷେପ କେଉଁ ପର୍ଯ୍ୟାୟରେ ରହିଛି ତାହା ପ୍ରକାଶ କରିବେ କି ?

## ପୁନଃ ନିଯୁକ୍ତି ପାଇଁ ପଦକ୍ଷେପ

**୫୦ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ବିଦ୍ୟୁତ୍ ବିତରଣ ଓ ପରିଚାଳନା କାର୍ଯ୍ୟ TATA Power କୁ ହସ୍ତାନ୍ତର ହେବା ପୂର୍ବରୁ କେଉଁ କେଉଁ ସଂସ୍ଥାଦ୍ୱାରା କେତେଜଣ କି କି ପଦବୀରେ ନିଯୁକ୍ତି ପାଇଥିଲେ ତାହାର ଜିଲ୍ଲାୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ନୟାଗଡ ଜିଲ୍ଲାରେ ଅଦ୍ୟାବଧି ପୂର୍ବରୁ ନିଯୁକ୍ତି ପାଇଥିବା କେତେଜଣଙ୍କୁ ପୁନଃ ନିଯୁକ୍ତି ବର୍ତ୍ତମାନର ବିଦ୍ୟୁତ୍ ବିତରଣ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥାଦ୍ୱାରା ଦିଆଯାଇଛି ଓ ଆଉ କେତେଜଣ ଅଦ୍ୟାବଧି ନିଯୁକ୍ତି ପାଇନାହାଁନ୍ତି ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ନିଯୁକ୍ତି ପାଇନଥିବା ବ୍ୟକ୍ତି ବିଶେଷଙ୍କୁ କେବେସୁଧା ପୁନଃ ନିଯୁକ୍ତି ଦିଆଯିବ ଜଣାଇବେ କି ?

## ମୋବାଇଲ ଟାୱାର ସ୍ଥାପନ

**୫୧ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ବିଗତ ଦୁଇ ବର୍ଷ ମଧ୍ୟରେ ସମୁଦାୟ କେତେଗୋଟି Mobile Tower କେଉଁ

କେଉଁ ସରକାରୀ ଏବଂ ବେସରକାରୀ Telecom ସେବା ଯୋଗାଉଥିବା ସଂସ୍ଥାମାନଙ୍କଦ୍ୱାରା ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଅଛି ଏବଂ କେତେଗୋଟି tower ର କାର୍ଯ୍ୟ ଅଦ୍ୟାବଧି ଚାଲୁଅଛି ତାହାର ସବିଶେଷ ବ୍ଲକ ଏବଂ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି , ଅଦ୍ୟାବଧି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ କେତେଗୋଟି Mobile Tower କେଉଁ ସଂସ୍ଥାଦ୍ୱାରା ନିର୍ମାଣାଧିନ ଅବସ୍ଥାରେ ଅଛି ଓ ସେଗୁଡିକ କେବେସୁଧା କାର୍ଯ୍ୟକ୍ଷମ କରାଯିବ ଜଣାଇବେ କି ?

## ନୟାଗଡ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା

**୫୨ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବିଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ କେତେଗୋଟି କେଉଁ କେଉଁ ପ୍ରକାରର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କରାଯାଇ କେତେ ଟଙ୍କା ବ୍ୟୟ ବରାଦ କରାଯାଇଅଛି ତାହାର ସବିଶେଷ ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବେ କି, ନୟାଗଡ ଜିଲ୍ଲା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ କେଉଁ ପ୍ରକାରର ସମ୍ଭାବ୍ୟ ଶିଳ୍ପ (Potential Sector) ପ୍ରତିଷ୍ଠା ପାଇଁ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଅଛି ଜଣାଇବେ କି ?

## Development of Mini Stadium

**53 . Shri Ramesh Chandra Behera :** Will the Minister for Sports & Youth Services be pleased to state that - whether the Govt. will take special interest for development of Historic Gandhi Maidan (Playground) Daspalla into a Mini-stadium keeping in view its importance in development of different sports activities in Daspalla Assembly Constituency, will the Govt. make special provision of funds for this purpose ?

## ବାଲି ଖଣି ନୀତି କାର୍ଯ୍ୟକାରୀ

**୫୪ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡ଼ିଶା ବାଲି ଖଣି ନୀତି କେବେ ସୁଦ୍ଧା କାର୍ଯ୍ୟକାରୀ ହେବ, ରାଜ୍ୟରେ ବାର୍ଷିକ ବାଲି ଚାହିଦା କେତେ ଓ ତାହାକୁ ପୂରଣ କରିବା ଲାଗି କେତେ ସଇରାତ ନିଲାମ ହେଲାଣି, ବେଆଇନ୍ ବାଲି ଚାଲାଣ ଓ ଉଠାଣକୁ କେନ୍ଦ୍ର କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ କେତେ ମାମଲା ଚାଲିଛି, ବିବରଣୀ ଦେବେ କି ?

## ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ନିଯୁକ୍ତି ଓ ରପ୍ତାନୀ ସମ୍ପର୍କରେ

**୫୫ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅନୁଗ୍ରହ କରି

କହିବେ କି - ଇନଫୋସିଟି-2 ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସ୍ଥାପନ ବେଳେ ଯେଉଁ ନିଯୁକ୍ତି ଓ ରପ୍ତାନୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ସେଥିରୁ କେତେ ପ୍ରତିଶତ ହାସଲ ହୋଇଛି, ଏ କ୍ଷେତ୍ରକୁ ପୁଞ୍ଜି ଆକର୍ଷିତ ନହେବାର କାରଣ କଣ ଓ ଆଗାମୀ ଦିନରେ ଏହାର ବିକାଶ ପାଇଁ ସରକାରଙ୍କ ଯୋଜନା ନିତୀ - ସବିଶେଷ ତଥ୍ୟ ଦେବେ କି ?

## ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ

**୫୬ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) କେବେ ସୁଦ୍ଧା ସରକାରଙ୍କ ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବ ଓ ଏଦିଗରେ ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ଅଛି, କାର୍ଯ୍ୟରତ କର୍ମଚାରୀ ଓ ଅଫିସରଙ୍କ ବେତନ ଭତ୍ତା ଓ ପଦୋନ୍ନତି କ୍ଷେତ୍ରରେ ଥିବା ଅସଙ୍ଗତି କେବେ ସୁଦ୍ଧା ଦୂର ହେବ, ସବିଶେଷ ତଥ୍ୟ ଦେବେ କି ?

## ନୀଳାଚଳ ଇସ୍ପାତ ନିଗମ ସମ୍ପର୍କରେ

**୫୭ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ପୁଞ୍ଜି ପ୍ରତ୍ୟାହାର ଯୋଗୁଁ ନୀଳାଚଳ ଇସ୍ପାତ ନିଗମରେ ଲାଗି ରହିଥିବା ଅଚଳାବସ୍ଥାକୁ ଦୂର କରିବା ଲାଗି ରାଜ୍ୟ ସରକାରଙ୍କ ଯୋଜନା କଣ, ଏହାକୁ ବିକ୍ରି ନକରି ରାଜ୍ୟ ସରକାର ନିଜେ ଚଳାଇବାକୁ ଉଦ୍ୟମ କରିବେ କି ?

## Integrated Sports Complex ସ୍ଥାପନ

**୫୮ . ଶ୍ରୀ କିଶୋର ଚନ୍ଦ୍ର ନାୟକ :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୁଚିଣ୍ଡା ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଅନେକ ପ୍ରତିଭାଧାରୀ କ୍ରିଡାବୀତ ଥିଲେ ମଧ ସ୍ଥାନିୟ ଅଞ୍ଚଳରେ ଭିତ୍ତିଭୂମିର ଅଭାବ ହେତୁ ତାଙ୍କର ପ୍ରତିଭାର ବିକାଶ ହୋଇପାରୁନାହିଁ ଓ ଲୁକାୟିତ ଭାବରେ ରହିଯାଇଛନ୍ତି। ତେଣୁ ଲୁକାୟିତ ପ୍ରତିଭାର ବିକାଶ ନିମନ୍ତେ ଉପଖଣ୍ଡ ସଦର ମହକୁମା କୁଚିଣ୍ଡା ଠାରେ ଏକ Integrated Sports Complex ସ୍ଥାପନ କରି ନିୟମିତ ତାଲିମ ଦେବାର ବ୍ୟବସ୍ଥା କରିବେ କି ?

## ବିଭିନ୍ନ ଯୋଜନାରେ ବିଦ୍ୟୁତ୍ ସଂଯୋଗ

**୫୯ . ଶ୍ରୀ କିଶୋର ଚନ୍ଦ୍ର ନାୟକ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ କେଉଁ କେଉଁ ଯୋଜନାରୁ କେଉଁ ଠିକା ସଂସ୍ଥାଦ୍ୱାରା କେଉଁ ବର୍ଷ କେତେ ଟଙ୍କା ବ୍ୟୟ ଅଟକଳରେ କେତେ, କେଉଁ ଗ୍ରାମ/ପଡା ଓ କେତେ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି, ସେଥିମଧ୍ୟରୁ କେଉଁ ଠିକା/ସଂସ୍ଥାର

କାର୍ଯ୍ୟ ଶେଷ ହୋଇ ଚୁକ୍ତି ମୁତାବକ ପରବର୍ତ୍ତି ରକ୍ଷଣାବେକ୍ଷଣ କାର୍ଯ୍ୟ କେତେ ବର୍ଷ ପାଇଁ କରିବା ନିମନ୍ତେ ଧାର୍ଯ୍ୟ ହୋଇଛି, ଏତଦ୍ ବ୍ୟତୀତ ନୂତନ ଭାବରେ ବିଦ୍ୟୁତକରଣ ହୋଇଥିବା କେତେ ଗ୍ରାମ କେବୁଲ ଖରାପ ହୋଇଥିବା କାରଣରୁ ଅନ୍ଧାରରେ ଅଛନ୍ତି ଓ କେବେସୁଦ୍ଧା ପୁନଃ ସଂଯୋଗ ଦିଆଯିବା ଯେଉଁ ପରିବାର ବା ଗୃହରେ meter ଲାଗି ମଧ୍ୟ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ ତାଙ୍କୁ କେବେସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆଯିବ, ଏଥିସହ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

## ଘର ଡିହ ପଟ୍ଟା ପ୍ରଦାନ

**୬୦ . ଶ୍ରୀ କିଶୋର ଚନ୍ଦ୍ର ନାୟକ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2010 ମସିହାରୁ ଅଦ୍ୟାବଧି ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାରୁ ଘର ପାଇଥିବା କେତେ ଭୂମିହୀନ ପରିବାରଙ୍କୁ ଘର ଡିହ ପଟ୍ଟା ପ୍ରଦାନ ପାଇଁ ବ୍ଲକ ପ୍ରଶାସନ ସମ୍ପୃକ୍ତ ତହସିଲଦାରଙ୍କୁ ଜଣାଇଥିଲେ ଓ ତନ୍ମଧ୍ୟରୁ କେତେ ଜଣଙ୍କୁ ରହୁଥିବା ସ୍ଥାନରେ ବନ୍ଦୋବସ୍ତ କରାଯାଇ ପଟ୍ଟା ଦିଆଯାଇଥିଲା ତାହାର ସମ୍ପୂର୍ଣ୍ଣ ତଥ୍ୟ ବ୍ଲକଓ୍ୱାରୀ ପ୍ରଦାନ କରିବେ କି ?

## ଗୋଚର ଜମିକୁ ହସ୍ତାନ୍ତର

**୬୧ . ଶ୍ରୀମତୀ କୁସୁମ ଟେଟେ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାରେ କେତେ ଗୋଚର ଜମିକୁ କମ୍ପାନୀ କିମ୍ବା କମ୍ପାନୀର ବର୍ଜ୍ୟବସ୍ତୁ ପକାଇବା ପାଇଁ ବିଭିନ୍ନ କମ୍ପାନୀକୁ ବ୍ୟବହାର କରିବାପାଇଁ ଅନୁମତି ଦେଇଛନ୍ତି କି ଯଦି ଦେଇଛନ୍ତି ତାହେଲେ ସେହି ଜମିର ବଦଳରେ କେଉଁଠି ଗୋଚର ଜମି ଦେଲେ ତାହା ଜଣାଇବେ କି ?

## ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ

**୬୨ . ଶ୍ରୀମତୀ କୁସୁମ ଟେଟେ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀରେ କେତେ ଜଣ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରାଦନ କରାଯାଇଛି ଓ ଆହୁରୀ କେତେ ବାକି ଅଛନ୍ତି ଯଦି ଅଛନ୍ତି ତାହେଲେ କେବେ ସୁଦ୍ଧା ଦିଆଯିବ ତାହା ଜଣାଇବେ କି ?

## ଉତ୍ପାଦନ ହେଉଥିବା ବିଦ୍ୟୁତ ଶକ୍ତି

**୬୩ . ଶ୍ରୀ ଭବାନୀ ଶଙ୍କର ଭୋଇ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ସମୁଦାୟ କେତେ ବିଦ୍ୟୁତ ଉତ୍ପାଦନ ହେଉଛି ଏବଂ କେଉଁ ମାଧ୍ୟମରେ ଉତ୍ପାଦନ ହେଉଛି ସେଥିରୁ ସମୁଦାୟ କେତେ ବିଦ୍ୟୁତ ଖର୍ଚ୍ଚ ହେଇଅଛି ଏବଂ ବାହାରକୁ କେତେ ରପ୍ତାନି କରାଯାଇଛି ଏହାର ସମ୍ପୂର୍ଣ୍ଣ

ବିବରଣୀ ଦେବେ କି ଏବଂ ସୁନ୍ଦରଗଡ ଜିଲ୍ଲାରେ କେତେ ପରିମାଣ Industry ଏବଂ ଘରୋଇ ଉପଭୋକ୍ତା ଙ୍କୁ ଯୋଗାଇ ଦିଆ ଯାଇଛି ତାହା ଜଣାଇବେ କି ?

**ନୂତନ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା**

**୬୪ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ଜିଲ୍ଲାରେ ନୂତନ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ।

**ବନ୍ଦ ଥିବା ଉଦ୍ୟୋଗକୁ ପୁନଃ କାର୍ଯ୍ୟକ୍ଷମ**

**୬୫ . ଶ୍ରୀ ସୌଭିକ୍ ବିଶ୍ୱାଳ :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ମଧୁପାଟନା, ଚୌଦ୍ୱାର, ଜଗତପୁର ଶିଳ୍ପାଞ୍ଚାଳରେ କେତେ ଗୋଟି ସୁକ୍ଷ୍ମ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ବନ୍ଦ ହୋଇଛି ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଘର ଡିହ ଯୋଗାଣ**

**୬୬ . ଶ୍ରୀ ସୌଭିକ୍ ବିଶ୍ୱାଳ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ସହର, ଚୌଦ୍ୱାର ସହର, ଚୌଦ୍ୱାର (ଟାଙ୍ଗୀ) ବ୍ଲକରେ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ କେତେ ଘର ଡିହ ବିହୀନ ପରିବାର ଚିହ୍ନଟ ହୋଇଛନ୍ତି ସେମାନଙ୍କୁ ଘରଡିହ ଯୋଗାଇଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ**

**୬୭ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ମଧୁପାଟଣା ଓ ଚୌଦ୍ୱାର ଜଗତପୁର ଶିଳ୍ପାଞ୍ଚଳରେ IDCO ଅଧିନରେ ଥିବା ମୋଟ କେତେ କି.ମି. ରାସ୍ତା ଜରାଜିର୍ଣ୍ଣ ଅବସ୍ଥାରେ ଅଛି ତାହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଶିଳ୍ପାଞ୍ଚଳ ପ୍ରତିଷ୍ଠା**

**୬୮ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଆଗାମୀ ବର୍ଷ କେଉଁ କେଉଁ ସ୍ଥାନରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି ?

**କ୍ରୀଡାଙ୍ଗନର ବିକାଶ ପାଇଁ ପଦକ୍ଷେପ**

**୬୯ . ଶ୍ରୀ ସୁଧୀର କୁମାର ସାମଲ :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ଜିଲ୍ଲାସ୍ତରୀୟ ଷ୍ଟାଡିୟମ ସହ ଉପଖଣ୍ଡ, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଷ୍ଟାଡିୟମ ଓ କ୍ରୀଡାଙ୍ଗନର ବିକାଶ ପାଇଁ ସରକାର ବିଗତ ପାଞ୍ଚବର୍ଷରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

## ଚକବନ୍ଦୀ ହୋଇଥିବା ଚାଷ ଜମିକୁ ବିକ୍ରୟ ପାଇଁ ନିୟମ

**୭୦ . ଶ୍ରୀ ସୁଧୀର କୁମାର ସାମଲ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଚକବନ୍ଦୀ ହୋଇଥିବା ଚାଷଜମିକୁ ଚକକୁ ଭାଗଭାଗ କରି ବିକ୍ରୟ କରିବା ନିମନ୍ତେ କେବେଠାରୁ ସରକାର ନିୟମ ପ୍ରଣୟନ କରି କାର୍ଯ୍ୟକାରୀ କରୁଛନ୍ତି ଏହି ଅବଧୀ ପୁର୍ବରୁ ତାହାକୁ ଭାଗକରି କେଉଁ ଜିଲ୍ଲାରେ କେଉଁ ତହସିଲରେ କେତେ ପରିମାଣ ଜମି ବିକ୍ରୟ ହୋଇଛି, ଏହି ବିକ୍ରୟ ଆଇନସିଦ୍ଧ କି ଯଦି ନୁହେଁ ତାହା ଉପରେ କି ପଦକ୍ଷେପ ନିଆଯିବାର ବ୍ୟବସ୍ଥା ଅଛି ପ୍ରକାଶ କରି ନିୟମ ପ୍ରଣୟନ ପୂର୍ବରୁ ଭାଗଭାଗ ହୋଇ ବିକ୍ରୟ ହୋଇଥିବା ଚକବନ୍ଦୀ ଜମିର ବିକ୍ରୟ କବଲା ରଦ୍ଦ ପାଇଁ ବ୍ୟବସ୍ଥା କରିବେ କି ?

## ତାପଜ ବିଦ୍ୟୁତ୍ କେନ୍ଦ୍ରର ବିଦ୍ୟୁତ୍ ଉତ୍ପାଦନ

**୭୧ . ଶ୍ରୀ ସୁଧୀର କୁମାର ସାମଲ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ଜିଲ୍ଲାରେ କେଉଁ କେଉଁ ସଂସ୍ଥାର କେଉଁ ଠାରେ କେତେ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଆରମ୍ଭ ହୋଇ କେତେ ବିଦ୍ୟୁତ୍ ଉତ୍ପାଦନ ହେଉଛି, କେଉଁ ପ୍ରକଳ୍ପ ନିର୍ମାଣଧୀନ ଓ ପ୍ରସ୍ତାବଧୀନ ଅଛି ତାହାକୁ ପୂର୍ଣ୍ଣାଙ୍ଗ ସହିତ ଏହି ପ୍ରକଳ୍ପରେ ପରିବେଶ ସୁରକ୍ଷା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ବନ୍ଦଥିବା ଭାରୀ ଶିଳ୍ପ ପୁନଃ ପ୍ରଚଳନ

**୭୨ . ଶ୍ରୀ ସୁଧୀର କୁମାର ସାମଲ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ଜିଲ୍ଲାରେ କେଉଁ କେଉଁ ଭାରୀଶିଳ୍ପ କେବେଠାରୁ ବନ୍ଦ ଅଛି ପ୍ରକାଶ କରି ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

## ଜବର ଦଖଲ ଜମିର ପୁନଃରୁଦ୍ଧାର

**୭୩ . ଶ୍ରୀ ପ୍ରଶାନ୍ତ ବେହେରା :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ କେଉଁ ଜିଲ୍ଲାରେ କେତେ ପରିମାଣ ଗୋଚର, ଶ୍ମଶାନ, ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ହୋଇଛି ପ୍ରକାଶ କରି ତାହାକୁ ପୁନଃରୁଦ୍ଧାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଅବଗତ କରିବେ କି ?

## ସବୁଜ ଶକ୍ତି ପ୍ରକଳ୍ପ

**୭୪ . ଶ୍ରୀ ପ୍ରଶାନ୍ତ ବେହେରା :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ଜିଲ୍ଲାରେ ସବୁଜ ଶକ୍ତି ପ୍ରକଳ୍ପ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟ କାରୀତା ପାଇଁ କି ପଦକ୍ଷେପ ଗ୍ରହଣ

କରାଯାଉଛି ?

## ଖେଳ ପଡିଆର ବିକାଶ

**୭୫ . ଶ୍ରୀ ପ୍ରଶାନ୍ତ ବେହେରା :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବିଗତ ୫ବର୍ଷରେ ସାଲେପୁର ଓ ଟାଙ୍ଗୀ ଚୌଦ୍ୱାର ବ୍ଲକରେ କେଉଁ କେଉଁ ଷ୍ଟାଡିୟମ, ମିନି ଷ୍ଟାଡିୟମ ଓ ଖେଳ ପଡିଆ ବିକାଶ ପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି ପ୍ରକାଶ କରି ସମସ୍ତ ଖେଳ ପଡିଆକୁ ବିକଶିତ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

## ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ଆତ୍ମନିଯୁକ୍ତି

**୭୬ . ଶ୍ରୀ ପ୍ରଶାନ୍ତ ବେହେରା :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସଂପ୍ରତି ଲକଡାଉନ ଯୋଗୁଁ ରାଜ୍ୟକୁ ଫେରିଥିବା ବୈଷୟିକ ଯୋଗ୍ୟତାଧାରୀଙ୍କୁ ଅଣୁ, କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ଆତ୍ମନିଯୁକ୍ତି ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

## ଘର ଡିହହୀନଙ୍କୁ ଘର ଡିହ ପଟ୍ଟା ବଣ୍ଟନ

**୭୭ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଆଠମଲ୍ଲିକ, କିଶୋର ନଗର, ଅନୁଗୋଳ ସହିତ ଅନୁଗୋଳ ଜିଲ୍ଲାର କେଉଁ ତହସିଲରେ କେତେ ଘର ଡିହହୀନ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି, ତନ୍ମଧ୍ୟରୁ କେତେ ଜଣଙ୍କୁ ଘର ଡିହ ପଟ୍ଟା ଓ ଜମି ପ୍ରଦାନ କରାଯାଇଛି ଓ ଅବଶିଷ୍ଟଙ୍କୁ ଘରଡିହ ପ୍ରଦାନ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

## MSME Park ନିର୍ମାଣ

**୭୮ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ MSME ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ଉପସ୍ଥାପନ ହୋଇଛି କି; ଉତ୍ତର ହଁ ହେଲେ ଏହାର କାର୍ଯ୍ୟ କାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ସୁବନ୍ଦୋବସ୍ତ

**୭୯ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ସହ ଅନୁଗୋଳ ଜିଲ୍ଲାରେ ବିଦ୍ୟୁତ୍ ଉତ୍ପାଦାନ ପ୍ରକଳ୍ପ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାର ଯୋଜନା କରିଛନ୍ତି ଅବଗତ କରିବେ କି ?

## Setting Lands with the encroachers

**80 . Shri Narasingha Mishra :** Will the Minister for Revenue and

Disaster Management be pleased to state that - Why is the Government slow in setting lands with the encroachers as per the O.P.L.E Act; Will the Government settle land to landless S.Cs and S.Ts free of any premium?

### Provide lands to the poor landless persons

**81 . Shri Narasingha Mishra :** Will the Minister for Revenue and Disaster Management be pleased to state that - why is the Government slow in exciting encroachers from objectionable land encroached by them such as; Maharanisagar, Karangakata, Gate Sarovara, Ranibandha, Pratapasagar and other tanks besides roads premises of Govt. offices etc; will the Govt. provide lands (homestead) to the poor landless persons and others entitled to land for settlement; if so, by what time ?

### Name of the land owner

**82 . Shri Narasingha Mishra :** Will the Minister for Revenue and Disaster Management be pleased to state that - In absence of return by land owner how the Revenue authority the name of the land owner entitled to liking area and the Kissam of the land will be known. If the return filed by late R.N.Singhdeo in form no.12:28 missing how could the Revenue Authority know it lands of urban area i.e. Bolangir was not agricultural lands. Record of Rights of 1966 Settlement shows lands of R.N. Singhdeo in Bolangir town was mostly agricultural can Agricultural lands of urban area be excluded from the return; why revision case no.85/87 was not challenged in proper court; will the govt. inquire to find out the illegalities and take action ?

### Electrification of B.P.L. Families

**83 . Shri Narasingha Mishra :** Will the Minister for Energy be pleased to state that - When power cut, disruption of supply of power and power failures will come to an end in the list of Bolangir including Bolangir Town; How many Villages / Hamlets and household are not provided with electric connections; will the Govt take action against agencies who have falsely reported that electric connection have been given to B.P.L. families and other persons entitled to it ; By what time all households will be provided with electricity connection ?

### Provide employment to unemployed youth

**84 . Shri Narasingha Mishra :** Will the Minister for Industries be pleased to state that - (a) Will the Govt. establish Industries in the nil Industry

district in Bolangir to provide employment to unemployed youth and to stop migration of labour, (b) or, will carry coal to new castles?

**( Computerised By N.I.C Odisha State Unit and Compiled at O.L.A Computer Center.)**